# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 16 March – 2025

## ପିଏମ୍-ପଡ୍‌କାଷ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଡ୍‌କାଷ୍ଟ ସାକ୍ଷାତକାର ଆଜି ପ୍ରଚାର ହେବ । ଏହାକୁ ଦେଖିବାକୁ ଶ୍ରୀ ମୋଦୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସାକ୍ଷାତକାର ନେଇଥିବା ଲେକ୍ସ ଫ୍ରିଡମ୍ୟାନଙ୍କ ସହ  ବିଭିନ୍ନ ପ୍ରସଙ୍ଗ ନେଇ ଖୋଲା ଆଲୋଚନା ହୋଇଛି । ଏଥିରେ ତାଙ୍କର ପିଲାଦିନ, ସାଧାରଣ ଜୀବନ ଏବଂ ହିମାଳୟରେ ବିତାଇଥିବା ସମୟ ଆଦି ସ୍ଥାନ ପାଇଛି । ଅନ୍ୟପକ୍ଷରେ ଫ୍ରିଡ୍‌ମ୍ୟାନ କହିଛନ୍ତି, ତିନିଘଣ୍ଟାର ଏହି ସାକ୍ଷାତକାର ଅତ୍ୟନ୍ତ ଶିକ୍ଷଣୀୟ ଥିଲା ।

## ଫିଟ୍ ଇଣ୍ଡିଆ

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ନୂଆଦିଲ୍ଲୀରେ ଆଜି ଫିଟ୍ ଇଣ୍ଡିଆ କାର୍ନିଭାଲ୍‌ର ଶୁଭାରମ୍ଭ କରିବେ । ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଅଭିଯାନରେ ସୁସ୍ଥ ଜୀବନଶୈଳୀ ଏବଂ ମେଦବହୁଳତାର ନିୟନ୍ତ୍ରଣ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବାର କାର୍ଯ୍ୟସୂଚୀ ରହିଛି ।  କାର୍ଯ୍ୟକ୍ରମ ଅବସରରେ ଆଜି 'ଖେଲୋ ଇଣ୍ଡିଆ ପାରାଗେମ୍‌ସ'ର

ପ୍ରତୀକ ଏବଂ ସଙ୍ଗୀତ ଉନ୍ମୋଚନ କରାଯିବ । ସୂଚନାଯୋଗ୍ୟ, ନୂଆଦିଲ୍ଲୀରେ ଆସନ୍ତା ୨୦ ତାରିଖଠାରୁ 'ଖେଲୋ ଇଣ୍ଡିଆ ପାରାଗେମ୍ସ' ଆରମ୍ଭ ହେବ ।

## ପଦ୍ମ ପୁରସ୍କାର

ପଦ୍ମ ପୁରସ୍କାର-୨୦୨୬ ପାଇଁ ଆବେଦନ ପ୍ରକ୍ରିୟା ଗତକାଲିଠାରୁ ଆରମ୍ଭ ହୋଇଛି । ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ୍‌ରେ ଏହି ଆବେଦନ ପ୍ରକ୍ରିୟା ଆସନ୍ତା ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ସୂଚନାଯୋଗ୍ୟ, ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ପଦ୍ମ ବିଭୂଷଣ, ପଦ୍ମଭୂଷଣ ଓ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥାଏ । ଆସନ୍ତାବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ ।

## ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଚାଲିଥିବାରୁ  ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିକୁ ବନ୍ଦ ରଖାଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟାନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# କୃଷି ଯନ୍ତ୍ରପାତି ମେଳା

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆଠାରେ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଛି । ଜିଲ୍ଲାପାଳ ଗୌରଓ୍ୱ ସିଓ୍ୱାଜୀ ଇସଲଓ୍ୱାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ କୃଷି କ୍ଷେତ୍ର ପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ଯୋଜନାଗୁଡିକରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ । ସେ କହିଥିଲେ

-V/O-

ଏହି ସମାରୋହରେ ଜିଲ୍ଲାର ସଫଳ ଚାଷୀ ଏବଂ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କୃତ କରିଥିଲେ । ପାଞ୍ଚଦିନ ଧରି ଏହି ମେଳା ଅନୁଷ୍ଠିତ ହେବ ।

# ଉଦ୍ୟାନ କୃଷି କର୍ମଶାଳା

ଭଦ୍ରକ ଜିଲ୍ଲା ଭଣ୍ଡାରୀ ପୋଖରୀ ବ୍ଲକ କହରାପୋଖରୀଠାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ବାସୁଦେବପୁର, ଭଣ୍ଡାରୀପୋଖରୀ ଏବଂ ଧାମନଗର ବ୍ଲକର କୃଷି ଏବଂ ଉଦ୍ୟାନ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇ ଚାଷୀଙ୍କୁ ବିଭିନ୍ନ ପ୍ରକାର କୃଷି ଏବଂ ଏଥିରୁ

ମିଳୁଥିବା ଆର୍ଥିକ ଫାଇଦା ଉପରେ ଆଲୋକପାତ କରିଥିଲେ । ୮ଟି ପଞ୍ଚାୟତର କୃଷିଜୀବୀ ଏହି କର୍ମଶାଳାରେ ଯୋଗଦେଇଥିଲେ ।

## ଟିକାକରଣ ଦିବସ

ଟିକାକରଣର ଗୁରୁତ୍ୱ ଏବଂ ଏହା ବିଷୟରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ଟିକାକରଣ ଦିବସ ଭାବେ ପାଳନ କରାଯାଉଛି । ୧୯୯୫ ମାର୍ଚ୍ଚ ମାସ ୧୬ତାରିଖରେ ଦେଶର ପ୍ରଥମ ଥର ପାଇଁ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ କରାଯାଇଥିଲା । ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ କାର୍ଯ୍ୟକାରୀ ହେଉଥିବା ଟିକାକରଣ ଅଭିଯାନରେ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଏବଂ ଜନସାଧାରଣ ସାମିଲ ହେବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଛି ।

## ହକି ଇଣ୍ଡିଆ ଆୱାର୍ଡ୍ସ

ଭାରତୀୟ ହକିର ଶହେ ବର୍ଷ ପୂର୍ତ୍ତି ପାଳନ ଏବଂ ୧୯୭୫ କ୍ୱାଲାଲାମପୁର ବିଶ୍ୱକପ୍ ବିଜୟର ସ୍ମୃତିସ୍ୱରୂପ ସପ୍ତମ ହକି ଇଣ୍ଡିଆ ବାର୍ଷିକ ପୁରସ୍କାର ପ୍ରଦାନ କରାଯାଇଛି । ପୁରୁଷ ହକିଦଳ ଅଧିନାୟକ ହରମନ୍‌ପ୍ରିତ୍ ସିଂହ ଏବଂ ମହିଳା ହକି ଦଳର ବରିଷ୍ଠ ଗୋଲରକ୍ଷକ ସବିତା ପୁନିଆଁଙ୍କୁ ବଲବୀର ସିଂହ ସିନିୟର ପ୍ଲେୟାର ଅଫ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି । କେନ୍ଦ୍ର କ୍ରୀଡା ମନ୍ତ୍ରୀ କିରଣ ରିଜିଜୁ ଏବଂ ହକି ଇଣ୍ଡିଆ

ସଭାପତି ଦିଲ୍ଲୀପ ତିର୍କୀ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

# ଗ୍ରୀଷ୍ମ ପ୍ରବାହ

ରାଜ୍ୟର କେତେକ ଅଞ୍ଚଳରେ ଆଜି ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏ ସମ୍ପର୍କରେ ସୂଚନା ଦେଇ ବିଭାଗୀୟ ବରିଷ୍ଠ ବୈଜ୍ଞାନିକ ଡକ୍ଟର ସୋମ ସେନ ରଏ କହିଛନ୍ତି, ଗ୍ରୀଷ୍ମ ପ୍ରବାହ ନେଇ ଓଡିଶାର କେତେକ ଅଞ୍ଚଳ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ଆସନ୍ତା ୧୯ ଓ ୨୦ ତାରିଖରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ଆଗାମୀ ଚାରିଦିନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି । ଗତକାଲି ରାଜ୍ୟରେ ସର୍ବୋଚ୍ଚ ଦିନର ତାପମାତ୍ରା ୪୨ ଦଶମିକ ୫ଡିଗ୍ରୀ ସେଲସିୟସ ବୌଦ୍ଧଠାରେ ରେକର୍ଡ କରାଯାଇଥିଲା । ଅନ୍ୟ ୧୨ଟି ସହରର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଉପରେ ରେକର୍ଡ ହୋଇଥିଲା ।